# "ଜୈବିକ ଚାଷ"- ଏକ ବିକଳ୍ପ ପନ୍ଥା

ପ୍ରାଚୀନ ଯୁଗର ବା ଆଦିମ ଯୁଗର ଚାଷ ପ୍ରଣାଳୀ ଜୈବିକ ଥିଲା । ପ୍ରକୃତି ଦତ୍ତ ସଂପଦକୁ ଅବକ୍ଷୟ ରୁ ଓ ପ୍ରଦୂଷଣ ରୁ ମୁକ୍ତ ରଖିଥିଲା । କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଖାଦ୍ୟର ଚାହିଦାକୁ ଲକ୍ଷ୍ୟ ରଖି ନୂତନ ଜ୍ଞାନ କୌଶଳ, ରାସାୟନିକ ସାର ର ବହୁଳ ବ୍ୟବହାର ହେଲା ଯାହାଦ୍ୱାରା ଆମର ଅମଳ ବୃଦ୍ଧି ହେବା ସହିତ, ଉତ୍ପାଦନ କ୍ଷମତା ବଢ଼ିଗଲା, ପ୍ରକୃତରେ ଦେଖିବାକୁ ଗଲେ ଏହା ଖାଦ୍ୟ ଚାହିଦା ପୂରଣ ହେଲା ସତ କିନ୍ତୁ ପ୍ରକୃତି ଦତ୍ତ ଜଳ, ବାୟୁ, ମାଟି ରେ ପ୍ରଦୂଷଣ ଅନେକ ମାତ୍ରାରେ ବଢ଼ିଗଲା ଯାହାକି ଆଜି ପୃଥିବୀରେ ସମଗ୍ର ମାନବ ସତ୍ତା ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।

ମାଟିର କୋଟି କୋଟି ସଂଖ୍ୟାରେ କ୍ଷୁଦ୍ର କୀଟ, ଜୀବାଣୁ, କବକ, ବୀଜାଣୁ ପରସ୍ପର ରହିଅଛନ୍ତି । ଉର୍ବର ମାଟିରେ ଜୈବିକ ଅଂଶର ପରିମାଣ ଓ ଜୀବ ସଂଖ୍ୟା ଅଧିକ ମାତ୍ରାରେ ରହିଥାଏ । ଏହି ଜୀବମାନେ ବଂଶ ବିସ୍ତାର କରିବାକୁ ସକ୍ଷମ ହେବା ସହ ଫସଲ ଉତ୍ପାଦନ ବୃଦ୍ଧି କରିବାରେ ଯଥେଷ୍ଟ ଗୁରୁତ୍ୱ ବହନ କରିଥାନ୍ତି । ଏହି ଗୁରୁତ୍ୱ ପ୍ରକ୍ରିୟାରେ ଗଛ ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ୧୬ ଟି ଖାଦ୍ୟରେ ଉତ୍ପାଦନ ମଧ୍ୟରୁ ୧୩ ଟି ଯଥା- ଯବକ୍ଷାରଜାନ, ଫସଫରସ, ପଟାସ, କ୍ୟାଲସିୟମ୍, ମ୍ୟାଗ୍ନେସିୟମ, ସଲଫର ଆଇରନ୍, ମାଙ୍ଗାନିଜ, ଜିଙ୍କ୍, କପର-ବୋରନ୍ ଓ କ୍ଲୋରିନ୍ ର ଉପଲବ୍ଧ ହୋଇଥାଏ । ଅନ୍ୟ ୩ଟି ଖାଦ୍ୟ ଉତ୍ପାଦନ ଯଥା- ଅଙ୍ଗାର, ଉଦ୍‌ଜାନ ଓ ଅମ୍ଳଜାନ ପତ୍ର ବାୟୁମଣ୍ଡଳରୁ ଓ ପାଣିରୁ ଗ୍ରହଣ କରିଥାଏ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଜୈବିକ ଚାଷ ପ୍ରତି ଆଗ୍ରହ ଓ ଚାହିଦା ଚାଷୀ ଭାଇ ମାନଙ୍କ ଭିତରେ ଆଦୃତ ହେବାକୁ ଲାଗିଛି । ଜୈବିକ ଚାଷ ପଦ୍ଧତିରେ ବାଇଗଣ, ଟମାଟୋ, ପିଆଜ, ରସୁଣ. ଲଙ୍କା, ଝୁଡଙ୍ଗ, ବିନ୍, କଖାରୁ ମକା, ଭେଣ୍ଡି, ଆଳୁ, ମୂଳା, ସୂର୍ଯ୍ୟମୁଖୀ, ଓ ବନ୍ଧା ଚାଷ କରାଯାଉଛି ଏବଂ ଉତ୍କୃଷ୍ଟ ମାନ ପରିବା ଫସଲ ସହ ଶସ୍ୟ ଜାତୀୟ ଫସଲ ସବୁ ଉତ୍ପାଦନ କରାଯାଇପାରୁଛି । ଯାହା ଫଳରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବା ସହ ପ୍ରାକୃତିକ ସୁରକ୍ଷା ଦିଗରେ ଏକ ଅଭିନବ ପ୍ରୟାସ ଜାରି ରହିଛି । ଏହି ଜୈବିକ ଚାଷ କିପରି ଗାଁ ରୁ ଗାଁ, ପଞ୍ଚାୟତରୁ ପଞ୍ଚାୟତ. ଜିଲ୍ଲାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଯେପରି ସଫଳ ରୂପାୟନ ହୋଇପାରିବ ଏବଂ ଉନ୍ନତ ଫସଲ ଉତ୍ପାଦନ ସାଙ୍ଗେ ସାଙ୍ଗେ କୃଷିର ଆନୁସାଙ୍ଗିକ ବିକାଶରେ ସହାୟକ ହେବ ତାହା ଉପରେ ପରୀକ୍ଷା, ନିରୀକ୍ଷାର ବେଳ ଆସିଯାଇଛି ।

ରାସାୟନିକ ଚାଷର ବିକଳ୍ପ ଭାବେ ଜୈବିକ ଉତ୍ପାଦନ ଓ କ୍ଷେତ୍ର ପରିଚାଳନା ପ୍ରଣାଳୀ ଅବଲମ୍ବନ କରାଯାଇପାରିବ । ଏହା ଜୈବିକ କୃଷି ବା ଚାଷ ଭାବରେ ପରିଚିତ ।

ଜୈବିକ ଚାଷ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଆମେ ପ୍ରଚାର ପତ୍ର ଟି ପ୍ରକାଶ କରିଛୁ ଏହି ପ୍ରଚାର ପତ୍ରଟି ଚାଷୀ ଭାଇ ମାନଙ୍କ ଭିତରେ ଏକ ନୂତନ କ୍ରାନ୍ତି ସୃଷ୍ଟି କରିବା ସହିତ କୃଷିର ବିକାଶ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି ହେଲେ ଆମର ଶ୍ରମ ସାର୍ଥକ ହେବ ।

---


## ସୋସିଆଲ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍

ବହ୍ଲରଛକ, ତାଳଚେର, ଅନୁଗୋଳ, ଓଡିଶା

ଦୂରଭାଷ : ୯୪୩୮୮୦୬୨୮୭, ୯୪୩୭୯୦୪୧୦୮